ଉପେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

**30 ଏପ୍ରିଲ 1993**

**[ଆର୍. ଏମ୍. ସାହାଇ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତି ଦ୍ୱୟ]**

*ଓଡ଼ିଶା ଶିକ୍ଷା ଅଧିନିୟମ 1969:*

*ଧାରା 10A - ଶିକ୍ଷକ-ବିଦ୍ୟାଳୟ ସେବାର ସମାପ୍ତି ସ୍ୱୀକୃତିପ୍ରାପ୍ତ-ସହାୟତା ପ୍ରାପ୍ତ ହୋଇନଥିବା - ବ୍ୟବସ୍ଥାର ପ୍ରୟୋଗଯୋଗ୍ୟତା-ସମାପ୍ତି ଆଦେଶର ବୈଧତା ।*

ଆବେଦନକାରୀଙ୍କ ସେବାକୁ ଏକ ସ୍ୱୀକୃତିପ୍ରାପ୍ତ ଅଣ-ସହାୟକ ବିଦ୍ୟାଳୟର ପରିଚାଳନା ଦ୍ୱାରା ସମାପ୍ତ କରାଯାଇଥିଲା । ବିଦ୍ୟାଳୟ ନିରୀକ୍ଷକଙ୍କ ଦ୍ୱାରା ଏହି ସମାପ୍ତି ଅନୁମୋଦିତ ହୋଇନଥିଲା । ବିଦ୍ୟାଳୟଟି ଏକ ସହାୟତା ପ୍ରାପ୍ତ ଅନୁଷ୍ଠାନରେ ପରିଣତ ହେବା ଦିନଠାରୁ ପୁନଃସ୍ଥାପନ ଏବଂ ଦରମା ପାଇଁ ଆବେଦନକାରୀମାନେ ଉଚ୍ଚ ନ୍ୟାୟଳୟରେ ରିଟ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଆବେଦନକୁ ଖାରଜ କରିବାରୁ, ଆବେଦନକାରୀମାନେ ବର୍ତ୍ତମାନର ଆବେଦନକୁ ଆଗତ କରିଥିଲେ ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ,

ନିର୍ଣ୍ଣୟ କଲେ : ଓଡ଼ିଶା ଶିକ୍ଷା ଅଧିନିୟମର ଧାରା **10-A** ରେ ବ୍ୟବସ୍ଥା ରହିଛି ଯେ କୌଣସି ସହାୟତା ପ୍ରାପ୍ତ ଅନୁଷ୍ଠାନର ଶିକ୍ଷକଙ୍କୁ ବରଖାସ୍ତ କରିବା ବିଦ୍ୟାଳୟ ନିରୀକ୍ଷକଙ୍କ ଅନୁମୋଦନ ଉପରେ ନିର୍ଭର କରିବ । 'ସହାୟତା ପ୍ରାପ୍ତ ଅନୁଷ୍ଠାନ' ଶବ୍ଦର ବ୍ୟବହାର ସ୍ପଷ୍ଟ ସଙ୍କେତ ଦେଉଛି ଯେ ଅନୁମୋଦନର ବ୍ୟବସ୍ଥା କେବଳ ସହାୟତା ପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରଯୁଜ୍ୟ । ଯେହେତୁ ଆବେଦନକାରୀଙ୍କ ସେବା ସମାପ୍ତ ହେବା ତାରିଖରେ ଅନୁଷ୍ଠାନକୁ ସ୍ୱୀକୃତି କେବଳ ଦିଆଯାଇଥିଲା ଏବଂ ସହାୟତା ମିଳିନଥିଲା, ନିରୀକ୍ଷକ ଅସ୍ୱୀକାର କରିବାର କ୍ଷମତା ପ୍ରୟୋଗ କରିପାରିନଥାନ୍ତେ । ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଏକ ଅନୁଷ୍ଠାନର ସ୍ୱୀକୃତି, ଏହାକୁ ଅନୁଦାନ-ସହାୟତାକୁ ଆଣିବା ଠାରୁ

ଭିନ୍ନ | ପୂର୍ବୋକ୍ତ ପାଇଁ ଶିକ୍ଷା ଅଧିନିୟମ ନିୟାମକ ବ୍ୟବସ୍ଥା  କିମ୍ବା ନିୟମାବଳୀର ଲାଗୁ ହୁଏ ନାହିଁ। ଛାତ୍ରଛାତ୍ରୀଙ୍କ ନାମଲେଖା କିମ୍ବା କର୍ମଚାରୀଙ୍କ ଉପରେ ଶିକ୍ଷା ବିଭାଗର କୌଣସି ନିୟନ୍ତ୍ରଣ ନାହିଁ।

ଦେୱାନୀ  ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା  2476/1993

ଓ.ଜେ.ଏସ. ସଂଖ୍ୟା  4866/1991ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 21. 2.1992 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଆର୍. କେ. ମେହେଟା ।

ଉତ୍ତରଦାତାମାନଙ୍କ ପାଇଁ ଏଚ. ଏଲ. ଅଗରୱାଲ, ଏସ. କେ. ପାତ୍ରି , ଅଭିଜାତ ପି. ମେଧ, ସୁଶ୍ରୀ କୀର୍ତ୍ତି ମିଶ୍ର ଏବଂ ଏ. କେ. ପଣ୍ଡା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

**1981** ମସିହାରେ ପ୍ରତିଷ୍ଠିତ, **1983** ମସିହାରେ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ନିଯୁକ୍ତ ଆବେଦନକାରୀମାନଙ୍କର ସେବା, ଯାହା **1988** ମସିହାରେ  ଅନୁଦାନ ସହାୟତା ପରିସରଭୁକ୍ତ ହୋଇଥିଲା, **1986** ମସିହାରେ ସମାପ୍ତ କରାଯାଇଥିଲା । ସେମାନଙ୍କର ସମାପ୍ତି ପତ୍ର ବିଦ୍ୟାଳୟ ନିରୀକ୍ଷକଙ୍କ  ଦ୍ୱାରା ଅନୁମୋଦିତ ହୋଇନଥିଲା | ସମାପ୍ତିକୁ ଅନୁମୋଦନ କରିନଥିବା ଆଦେଶକୁ ଯେହେତୁ ଅନୁଷ୍ଠାନ ଦ୍ୱାରା କାର୍ଯ୍ୟକାରୀ କରାଯାଇନଥିଲା ଆବେଦନକାରୀମାନେ ସେମାନଙ୍କୁ ପୁନଃସ୍ଥାପିତ କରିବାକୁ ଏବଂ ବିଦ୍ୟାଳୟ ଯେଉଁ ଦିନ ଠାରୁ ଏକ ସହାୟତା ପ୍ରାପ୍ତ ଅନୁଷ୍ଠାନ ହୋଇଥିଲା ସେହିଦିନଠାରୁ ସେମାନଙ୍କର ଦରମା ପ୍ରଦାନ କରିବାକୁ ରିଟ୍ ଆବେଦନ ମାଧ୍ୟମରେ ଏକ ପରମାଦେଶ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ବିଭିନ୍ନ କାରଣରୁ ଏପରି ଦାବି କରିବାର କୌଣସି ଯଥାର୍ଥତା ପାଇନଥିଲେ ।

ଓଡ଼ିଶା ଶିକ୍ଷା ଅଧିନିୟମର ଧାରା **10-A** ରେ ବ୍ୟବସ୍ଥା ରହିଛି ଯେ ଏକ ସହାୟତା ପ୍ରାପ୍ତ ଅନୁଷ୍ଠାନର ଶିକ୍ଷକଙ୍କୁ ବରଖାସ୍ତ କରିବା ନିରୀକ୍ଷକଙ୍କ ଅନୁମୋଦନ ଉପରେ ନିର୍ଭର କରିବ । 'ସହାୟତା ପ୍ରାପ୍ତ ଅନୁଷ୍ଠାନ' ଶବ୍ଦର ବ୍ୟବହାର ସ୍ପଷ୍ଟ ସଙ୍କେତ ଦେଉଛି ଯେ ଅନୁମୋଦନର ସର୍ତ୍ତାବଳୀ କେବଳ ସହାୟତା ପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରଯୁଜ୍ୟ । ଯେହେତୁ ଆବେଦନକାରୀଙ୍କ ସେବା ସମାପ୍ତ ହେବା ଦିନଠାରୁ ଅନୁଷ୍ଠାନକୁ କେବଳ ସ୍ୱୀକୃତି ଦିଆଯାଇଥିଲା ଏବଂ ସହାୟତା ଦିଆଯାଇନଥିଲା  ନିରୀକ୍ଷକ  ଅସ୍ୱୀକାର କରିବାର କ୍ଷମତା ପ୍ରୟୋଗ କରିପାରି ନଥାନ୍ତେ ।

**ଫଳସ୍ୱରୂପ ଆବେଦନକାରୀଙ୍କ ଉପରେ ଏପରି କୌଣସି ଅଧିକାର ନ୍ୟସ୍ତ ହୋଇନାହିଁ, ଯାହାକୁ ସେ ନ୍ୟାୟାଳୟରେ ବାଧ୍ୟତାମୂଳକ ଭାବରେ ଲାଗୁ କରିପାରିବେ । ଥରେ ଯଦି ସେହିମାନଙ୍କୁ, ଯେଉଁମାନେ ମୂଳଚାଲରେ ଅସମାନ, ଶୋଷଣ ଏବଂ ଅଯଥା ନିର୍ଯ୍ୟାତନାରୁ ଏଡାଇବା ପାଇଁ ଧାରା 10 – A ର ସିଦ୍ଧାନ୍ତ ହିତକାରୀ ହୋଇଥିବାରୁ ତାହାକୁ ସ୍ୱୀକୃତି ପ୍ରଦାନ କରାଯାଇଥିବା ଅନୁଷ୍ଠାନର ଶିକ୍ଷାକମାନଙ୍କ ପାଇଁ ସମ୍ପ୍ରସାରିତ ହେବା ଉଚିତ ବୋଲି ଉପସ୍ଥାପନାକୁ ଗ୍ରହଣ କରାଯାଇ ପାରିବ ନାହିଁ । ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଏକ ଅନୁଷ୍ଠାନକୁ ସ୍ୱୀକୃତି ପ୍ରଦାନ କରିବା ଓ ଏହାକୁ ଅନୁଦାନ - ସହାୟତା ଅଧୀନରେ ଆଣିବା ଠାରୁ ଭିନ୍ନ I ପୂର୍ବୋକ୍ତ ପାଇଁ ଶିକ୍ଷା ଅଧିନିୟମ ନିୟମାବଳୀ କିମ୍ବା ନିୟାମକ ବ୍ୟବସ୍ଥା ଲାଗୁ ହୁଏ ନାହିଁ । ଛାତ୍ରଛାତ୍ରୀଙ୍କ ନାମଲେଖା କିମ୍ବା କର୍ମଚାରୀଙ୍କ ଉପରେ ଶିକ୍ଷା ବିଭାଗର କୌଣସି ନିୟନ୍ତ୍ରଣ ନାହିଁ । ତେଣୁ ରିଟ୍ ଆବେଦନ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ଆଇନର କୌଣସି ତ୍ରୁଟି କରିନଥିଲେ ।**

**ସେହି ଅନୁଯାୟୀ ଆବେଦନଟି ବିଫଳ ହୋଇଛି ଏବଂ ଖାରଜ ହୋଇଛି I କିନ୍ତୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।**

**ଜି. ଏନ୍.** **ଆବେଦନଟି ଖାରଜ ହେଲା ।**


**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"



ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।